بسم اللہ الرحمٰن الرحیم

**ଖୁତବା ଜୁମା ୧ ମଇ ୨୦୨୦ର ସାରାଂଶ**

**ସ୍ଥାନ-ମସ୍‌ଜିଦ୍ ମୁବାରକ, ଇସଲାମାବାଦ୍, ଟେଲଫୋର୍ଡ୍**

# *ସ୍ୱର୍ଗତ ଜୁଲଫିକାର ଅହମଦ୍ ସାହେବ ଇଣ୍ଡୋନେସିଆ, ଡାକ୍ତର ମୁହମ୍ମଦ୍ ନଜିଉଦ୍ଦୀନ୍ ସାହେବ୍ ପାକିସ୍ତାନ ଓ ସମ୍ମାନନୀୟ (ସ୍ୱର୍ଗତ) ମୁସ୍ତଫା ସାହେବ, ଲଣ୍ଡନଙ୍କର ଉତ୍ତମ ଚରିତ୍ର ଚର୍ଚ୍ଚା ।*

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି ଅନ୍ତେ ହୁଜୁର ଅନଓ୍ୱର ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜ଼ିଜ୍ କହିଲେ: ବର୍ତ୍ତମାନ ମୁଁ କେତେକ ମୃତକଙ୍କର ଚର୍ଚ୍ଚା କରିବାକୁ ଚାହୁଁଛି । ସେମାନଙ୍କ ମଧ୍ୟରୁ ପ୍ରତ୍ୟେକ ବିଭିନ୍ନ ବୃତ୍ତି ସହିତ ଜଡ଼ିତ ଥିଲେ । ସେମାନଙ୍କର ବିଭିନ୍ନ କାର୍ଯ୍ୟବ୍ୟସ୍ତତା ରହିଥିଲା । ସେମାନଙ୍କର ଶିକ୍ଷାଗତ ଯୋଗ୍ୟତା ମଧ୍ୟ ଅଲଗା ରହିଥିଲା । କିନ୍ତୁ ସେମାନଙ୍କ ମଧ୍ୟରେ ଗୋଟିଏ କଥା ସାଧାରଣ ଗୁଣନୀୟକ ଥିଲା ଏବଂ ତାହା ହେଉଛି ଯେ, ସେମାନେ ଧର୍ମକୁ ସାଂସାରକିତା ଉପରେ ଅଗ୍ରାଧିକାର ଦେବା, ନିଜର କରିଥିବା ଶପଥକୁ ସ୍ୱେଚ୍ଛାଶକ୍ତି ଅନୁଯାୟୀ ନିର୍ବାହ କରିବା, ହଜ଼ରତ ମସିହ୍ ମଉଦ୍ ଅ.ସଙ୍କ ବୈଅତର କର୍ତ୍ତବ୍ୟ ନିର୍ବହା କରିବା, ଖିଲାଫତେ ଅହେମଦିୟା ସହିତ ବିଶ୍ୱସ୍ତପୂର୍ଣ୍ଣ ସଂପର୍କ ରଖିବା, ଅଲ୍ଲାଃତାଲା ଓ ଭକ୍ତଙ୍କ କର୍ତ୍ତବ୍ୟ ସମ୍ପାଦନ କରିବା ଏବଂ ସେମାନେ ଏହା ପ୍ରମାଣିତ କରିବାକୁ ସଦେବ ପ୍ରୟାସରତ ରହିଥିଲେ କି ଇସଲାମ ଓ ଆଁହଜ଼ରତ ସ.ଅଙ୍କର ସୁନ୍ଦର ଶିକ୍ଷାନୁଯାୟୀ ନିଜର ଜୀବନକୁ ଅତିବାହିତ କରୁଥିଲେ ଏବଂ ଅଲ୍ଲାଃତାଲା ଆଁହଜ଼ରତ ସ.ଅଙ୍କ ଯେଉଁ ସଚ୍ଚୋଟ ସେବକକୁ ପ୍ରେରଣ କରିଛନ୍ତି, ତାହାର ବ୍ୟବହାରିକମୂଳକ ଚାରିତ୍ରିକ ପ୍ରକୃତ ପଟ୍ଟଚିତ୍ର ବା ଆଦର୍ଶ ସେମାନଙ୍କ ଠାରେ ଦେଖିବାକୁ ମିଳୁଥିଲା । ଉକ୍ତ ଘଟଣାବଳୀଗୁଡ଼ିକୁ ଶୁଣି ଏହା ବିଶ୍ୱାସବୋଧ ହୁଏ କି ଏହି ଯୁଗରେ ହଜ଼ରତ ମସିହ୍ ମଉଦଙ୍କ ସହିତ ସଂଶ୍ଲୀଷ୍ଟ ହେବା ଦ୍ୱାରା ହିଁ ଭକ୍ତ ଓ ଭଗବାନଙ୍କ ମଧ୍ୟରେ ପ୍ରକୃତ ସଂପର୍କ ସ୍ଥାପନ କରିବାର କୌଶଳକୁ ଆମେ ହାସଲ କରିପାରିବା ଏବଂ ଅଲ୍ଲାଃତାଲା ଚୀରଜୀବୀ ହେବା ପ୍ରମାଣ ଉପରେ ପୂର୍ଣ୍ଣ ବିଶ୍ୱାସ ଏବଂ ତାଙ୍କରି ଇଚ୍ଛା ଉପରେ ରାଜି ରହିବା ଦ୍ୱାରା ସର୍ବୋଚ୍ଚ ସ୍ତର ପ୍ରାପ୍ତ ହୋଇଥାଏ ।

ଏହି ତିନିଜଣ ସ୍ୱର୍ଗତଙ୍କ ମଧ୍ୟରୁ ଜଣେ ହେଉଛନ୍ତି ଆମର ମୁବଲ୍ଲିଗ୍ ସିଲସିଲା ଜୁଲଫିକାର ଅହମଦ୍ ଡ଼ାମାଙ୍କ ସାହେବ । ସେ ଇଣ୍ଡୋନେସିଆର ଆଞ୍ଚଳିକ ମୁବଲ୍ଲିଗ ଥିଲେ । ଏପ୍ରିଲ୍ ମାସ ୨୦ ତାରିଖ ଦିନ ୪୨ ବର୍ଷ ବୟସରେ ତାଙ୍କର ଅକାଳ ବିୟୋଗ ଘଟିଥିଲା । اِنَّا لِلّٰہِ وَ اِنَّاۤ اِلَیۡہِ رٰجِعُوۡنَ । ସ୍ୱର୍ଗତଙ୍କର ପିରବାରରେ ଅହେମଦିୟତର ମୂଳଦୁଆ ତାଙ୍କ ଦଦା (ଜେଜେବାପା)ଙ୍କ ମାଧ୍ୟମରେ ପଡ଼ିଥିଲା । ସ୍ୱର୍ଗତ ଜୁଲଫିକାର ସାହେବ୍ ୧୯୯୭ରୁ ୨୦୦୨ ମସିହା ପର୍ଯ୍ୟନ୍ତ ଜାମିଆ ଅହେମଦିୟା ଇଣ୍ଡୋନେସିଆରେ ଶିକ୍ଷା ଆହରଣ କରିଥିଲେ । ତାଙ୍କୁ ଦୀର୍ଘ ୧୮ ବର୍ଷ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ମୁବଲ୍ଲିଗ୍ ରୂପେ ସେବା କରିବାର ସୌଭାଗ୍ୟ ଅର୍ଜନ

ହୋଇଥିଲା। ମୃତକଙ୍କ ପରିଜନଙ୍କ ମଧ୍ୟରେ ତାଙ୍କ ସ୍ତ୍ରୀଙ୍କ ବ୍ୟତୀତ ଚାରି ଜଣ ସନ୍ତାନ ଅଛନ୍ତି ଯେଉଁମାନେ ୱକ୍‌ଫେ ନୌଅ ସ୍କିମରେ ସାମିଲ୍ ଅଛନ୍ତି ।

ଆମର ମୁବଲ୍ଲିଗ ସାହେବ ମେରାଜ୍ ଦିନ ସାହେବ ବର୍ଣ୍ଣନା କରନ୍ତି କି ଜୁଲ୍‌ଫିକାର ସାହେବ୍ ଜଣେ ସଫଳ ଓ ପରିଶ୍ରମି ମୁବଲ୍ଲିଗ୍ ଥିଲେ । ତାଙ୍କର ଯେକୌଣସି ସ୍ଥାନରେ ବି ବଦଳି ହେଉଥିଲା ସେଠାରେ ସେ ସଂସ୍କାର ମୂଳକ ଯୋଗାଯୋଗ ସ୍ଥାପନ କରୁଥିଲେ ଏବଂ ତବ୍‌ଲିଗ୍‌ର କାର୍ଯ୍ୟକୁ ଅତ୍ୟନ୍ତ ସୁନ୍ଦର ଢଙ୍ଗରେ ସମ୍ପାଦନ କରୁଥିଲେ । ସେ କେବେବି କୌଣସି ବସ୍ତୁ ପାଇଁ ଅଳି କରୁନଥିଲେ । ବରଂ ସେ ସର୍ବଦା ଅନ୍ୟମାନଙ୍କୁ ଦୁଆ କରିବା ପାଇଁ ଉତ୍ସାହିତ କରୁଥିଲେ ଏବଂ ତାହା ହିଁ ତାଙ୍କର ବିଶେଷ ଗୁଣ ରହିଥିଲା ଯାହାକି ଏକ ୱକ୍‌ଫେ ଜିନ୍ଦିଗୀ ପାଇଁ ଆତ୍ମା ସଦୃଶ ଅଟେ ଏବଂ ଏହି ମନୋଭାବ ହିଁ ପ୍ରତ୍ୟେକ ୱକ୍‌ଫେ ଜିନ୍ଦିଗୀଙ୍କ ମଧ୍ୟରେ ରହିବା ଉଚିତ । ତେଣୁ ଯଦି କୌଣସି ଜିନିଷର ଆବଶ୍ୟକତା ରହିଛି ତେବେ ଅଲ୍ଲାଃତାଲାଙ୍କ ନିକଟରେ ଭିକ୍ଷା କର  ନା କି କାହା ନିକଟରେ ହାତ ପତାଅ । ତେଣୁ ଏହା ଅତ୍ୟନ୍ତ ଆବଶ୍ୟକୀୟ ଗୁଣାବଳୀ ଅଟେ ଯାହାକୁ ପ୍ରତ୍ୟେକ ୱକ୍‌ଫେ ଜିନ୍ଦିଗୀକୁ ଆପଣାଇବା ଉଚିତ୍ । ଆସିଫ୍ ମୁଇନ୍ ସାହେବ ମୁରବ୍ବୀ ସିଲସିଲା ଉଲ୍ଲେଖ କରନ୍ତି ଯେ, ସେ ଅତ୍ୟନ୍ତ ପୁଣ୍ୟବାନ୍ ବ୍ୟକ୍ତି ଥିଲେ ଏବଂ ଆଜ୍ଞାନୁବର୍ତ୍ତି ବ୍ୟକ୍ତି ଥିଲେ । ଅସୁସ୍ଥ ଦିନରେ ମଧ୍ୟ ସେ ଜମାଅତର ସେବାକୁ ପ୍ରାଧାନ୍ୟ ଦେଉଥିଲେ । ସେ ଡ଼ାଇଲେସିସ୍‌ରେ ଚିକିତ୍ସିତ ଥିଲେ । ଏହି ଅବସ୍ଥାରେ ମଧ୍ୟ ସେ ସ୍ଥାନୀୟ ଜଲସାରେ ସାମିଲ୍ ହୋଇଥିଲେ ଏବଂ ସେଠିକାର ଖୁଦ୍ଦାମମାନେ ଯେତେବେଳେ ତାଙ୍କୁ ପଚାରିଲେ କି ଆପଣମାନେ ଏତେ କଷ୍ଟ କାହିଁକି କଲେ । ସେତେବେଳେ ସେ ପ୍ରତ୍ୟୁତ୍ତରରେ କହିଲେ କି ଯେପର୍ଯ୍ୟନ୍ତ ମୋର ପିଣ୍ଡରେ ଜୀବନ ରହିଛି ସେପର୍ଯ୍ୟନ୍ତ ମୁଁ ଜମାଅତର ସମସ୍ତ କାର୍ଯ୍ୟକ୍ରମରେ ସାମିଲ୍ ହେବା ପାଇଁ ଚେଷ୍ଟା କରୁଥିବି । ଯଦିଓ ମୁଁ ଅସୁସ୍ଥ କିନ୍ତୁ ମୋର ଇଚ୍ଛା ଯେ, ମୁଁ ସର୍ବଦା ଧର୍ମ ସେବାରେ ନିୟୋଜିତ ରୁହେ । ସୁତରାଂ ଏହା ହିଁ ୱକ୍‌ଫେ ଜିନ୍ଦିଗୀର ସେହି ଉତ୍ସାହ ଯାହାକି ପ୍ରତ୍ୟେକ ୱକ୍‌ଫେ ଜିନ୍ଦିଗୀଙ୍କ ମଧ୍ୟରେ ରହିବା ଉଚିତ୍ । ନା କି ସାମାନ୍ୟ କଥାରେ ବ୍ୟସ୍ତ ବିବ୍ରତ ହୋଇ ଉଠିବା ଉଚିତ୍ ।

ହୁଜୁର ଅନୱର୍ ଅ.ବ କହିଲେ: ସେ ପ୍ରବଳ ଇଚ୍ଛାଶକ୍ତି ସମ୍ପନ୍ନ ଏବଂ ବିଶ୍ୱସ୍ତତାର ସହିତ ନିଜର ୱକ୍‌ଫକୁ ସମ୍ପାଦନ କରିଥିଲେ । ଅଲ୍ଲାଃତାଲା ବୈକୁଣ୍ଠରେ ତାଙ୍କର ସ୍ତରକୁ ଉନ୍ନୀତ କରନ୍ତୁ । ତାଙ୍କର ସ୍ତ୍ରୀ ଏବଂ ତାଙ୍କର ସନ୍ତାନମାନଙ୍କୁ ନିଜର ସୁରକ୍ଷା ବଳୟରେ ରଖନ୍ତୁ ଏବଂ ସ୍ୱୟଂ ସେମାନଙ୍କର ଭରଣପୋଷଣ କରନ୍ତୁ ଓ ସହାୟକ ହୁଅନ୍ତୁ ।

ଦ୍ୱିତୀୟ ଯନାଜାଃ ହେଉଛି ସ୍ୱର୍ଗତ ଡ଼ାକ୍ତର ମୁହମ୍ମଦ ନକ୍‌ଇଉଦ୍ଦୀନ ସାହେବ୍ ଇସ୍‌ଲାମାବାଦ୍, ପାକିସ୍ତାନଙ୍କର। ଯାହାଙ୍କର ଏପ୍ରିଲ୍ ମାସ ୧୮ ତାରିଖରେ ଦେହାନ୍ତ ହୋଇଥିଲା ।إِنَّا لِلّٰهِ وَإِنَّا إِلَيْهِ رَاجِعُوْنَ। ମୃତ୍ୟୁର ଦୁଇ ତିନି ସପ୍ତାହ ପୂର୍ବରୁ ତାଙ୍କ ମଧ୍ୟରେ କରୋନା ଭୂତାଣୁର ଲକ୍ଷଣ ଦେଖା ଦେଇଥିଲା ଏବଂ ଏପ୍ରିଲ୍ ମାସ ୧୮ ତାରିଖ ଦିନ, ସେ

ଅଲ୍ଲାଃତାଲାଙ୍କ ସମକ୍ଷରେ ଉପସ୍ଥିତ ହୋଇଗଲେ । ମୃତକଙ୍କ ପରିବାର ମଧ୍ୟରେ ତାଙ୍କର ସ୍ତ୍ରୀଙ୍କ ବ୍ୟତୀତ ଜଣେ ପୁତ୍ର ଓ ଚାରିଜଣ ପୁତ୍ରୀ ଅଛନ୍ତି । ସ୍ୱର୍ଗତଙ୍କ ଦଦା ଓ ନନା ଘର ସମସ୍ତେ ହଜ଼ରତ ମସିହ୍ ମଉଦ୍ ଅ.ସଙ୍କ ସନ୍ତାନମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ଅଟନ୍ତି । ଭାରତ ପାକ୍ ବିଭାଜନ ସମୟରେ ସେ ଏକ ବର୍ଷ ବୟସର ଶିଶୁ ଥିଲେ । ୧୯୭୦ ମସିହାରେ ସେ ଏମ୍.ବି.ବି.ଏସ୍ ପରୀକ୍ଷା ପାସ୍ କରିଥିଲେ । ପୁନଶ୍ଚ ଇସ୍‌ଲାମାବାଦ୍‌ରେ ନିଜର କ୍ଲିନିକ୍ ଖୋଲିଥିଲେ ଏବଂ ବିଗତ ୨୫, ୩୦ ବର୍ଷ ଧରି ସେ ନିଜର କ୍ଲିନିକ୍ ଚଳାଉଥିଲେ । ଅଲ୍ଲାଃତାଲାଙ୍କ କୃପାରୁ ସେ ଅତ୍ୟନ୍ତ ସଫଳ ତଥା ସାହସୀ ବ୍ୟକ୍ତି ଥିଲେ ଏବଂ ଅଭାବି, ଦରିଦ୍ର ତଥା ଗରିବ ଶ୍ରେଣୀୟ ବ୍ୟକ୍ତିଙ୍କୁ ସେ ସାହାଯ୍ୟ କରୁଥିଲେ ।

ଇସ୍‌ଲାମାବାଦ୍‌ର ଅମୀର ଜମାଅତ୍ ଉଲ୍ଲେଖ କରନ୍ତି କି ଡ଼ାକ୍ତର ମୁହମ୍ମଦ୍ ନକ଼ିଉଦ୍ଦୀନ୍ ସାହେବ୍ ବିଗତ ୧୨ ବର୍ଷରୁ ଉର୍ଦ୍ଧ୍ୱ ବର୍ଷ ଧରି ଜମାଅତେ ଅହେମଦିୟା ଇସ୍‌ଲାମାବାଦ୍‌ରେ କ଼ାଜ଼ିର ପଦବୀରେ ଅଧିଷ୍ଠିତ ହୋଇ ସେବା କରିଆସୁଥିଲେ । ସେ କୁରଆନ୍ ଓ ସୁନ୍ନତ୍ ଅନୁଯାୟୀ ସର୍ବଦା ନ୍ୟାୟ, ବିଚାର କରୁଥିଲେ । ଯାହାକି ଉଭୟ ପକ୍ଷଙ୍କ ନିମନ୍ତେ ଅତ୍ୟନ୍ତ ସନ୍ତୋଷଜନକ ସାବ୍ୟସ୍ତ ହେଉଥିଲା । ସେ ଅତ୍ୟନ୍ତ ପ୍ରସନ୍ନ ଚିତ୍ତ ଏବଂ ମେଳାପୀ ବ୍ୟକ୍ତି ତଥା ପରକୁ ଭଲ ପାଇବା, ବିନୀତ ଦୀନବନ୍ଧୁ ଓ ସହୃଦୟ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ । ସେ ପ୍ରତ୍ୟେକ ବ୍ୟକ୍ତି ସହିତ ସ୍ମିତ ହସରେ ଭାବ ବିନିମୟ କରନ୍ତି । ମାନବସେବାକୁ ସେ ଈଶ୍ୱରଙ୍କ ପରମ ଧର୍ମ ବୋଲି ବିବେଚନା କରି ଏଥିରେ ସେ ନିମଜ୍ଜିତ ରହୁଥିଲେ । ଜମାଅତର ଗରିବ ଏବଂ ଅଭାବି ରୋଗୀମାନଙ୍କ ପାଇଁ ତାଙ୍କ କ୍ଲିନିକର ଦୁଆର ସର୍ବଦା ଉନ୍ମୁକ୍ତ ରହୁଥିଲା ।

ତାଙ୍କର ଧର୍ମପତ୍ନୀ ବର୍ଣ୍ଣନା କରନ୍ତି କି ମୋର ସ୍ୱାମୀ ଅତ୍ୟନ୍ତ ନୈଷ୍ଠିକ ଏବଂ ଉତ୍ସର୍ଗପ୍ରିୟ ଅହେମଦି ଥିଲେ । ଜଣେ ଅତି ଆଜ୍ଞାନୁବର୍ତ୍ତି ପୁତ୍ର, ଜଣେ ଆଦର୍ଶ ସ୍ୱାମୀ, ବିନୀତ୍ ତଥା ବିନମ୍ର ପ୍ରେମିକ ପିତା ଏବଂ ଭାଇ ଭଉଣୀ ତଥା ସାଙ୍ଗସାଥୀମାନଙ୍କର ବହୁତ ଧ୍ୟାନ ରଖୁଥିଲେ ଏବଂ ପରୋପକାରୀ ତଥା ଲୋକହିତକର ଅସ୍ତିତ୍ୱ ଥିଲେ । ଜୀବନ୍ତ ଈଶ୍ୱରଙ୍କ ସହିତ ତାଙ୍କର ନିବିଡ଼ ସଂପର୍କ ଥିଲା । ସେ ଅତିଶୟ ଦୁଆକାରୀ ବ୍ୟକ୍ତି ଥିଲେ । ତାଙ୍କର ସୁପୁତ୍ରୀ କହନ୍ତି କି ଆମର ପିତାଶ୍ରୀ ବାଲ୍ୟକାଳରୁ ହିଁ ଆମମାନଙ୍କୁ ନମାଜ଼ ପଢିବା, କୁରଆନ କରୀମ ପଢିବା, ରୋଜ଼ା ରଖିବା, ସମୟରେ ଚାନ୍ଦା ଦେବା ଏବଂ ଦାନ ଦକ୍ଷିଣା କରିବା ପାଇଁ ଅଭ୍ୟସ୍ତ କରି ଦେଇଥିଲେ । ତାଙ୍କର ସୁପୁତ୍ର ପୀର୍ ମୁହିଉଦ୍ଦୀନ୍ ସାହେବ୍ କହନ୍ତି କି ମୁଁ ସ୍ୱପ୍ନରେ ଦେଖିଛି ଯେ, ହଜ଼ରତ ଖଲିଫତୁଲ୍ ମସିହ୍‌ଉର୍ ରାବେ ର.ଅ ଆମ ଘରର ଲଞ୍ଜରେ ଦରସ୍ ଦେଉଛନ୍ତି ଏବଂ ମୋତେ ସମ୍ବୋଧନ କରି କହିଲେ କି ତୁମର ପିତା ୱଲିଉଲ୍ଲାଃ (ମହାତ୍ମା ବା ସନ୍ଥାତ୍ମା) ଅଟନ୍ତି । ଅଲ୍ଲାଃତାଲା ବୈକୁଣ୍ଠରେ ସ୍ୱର୍ଗତଙ୍କର ସ୍ତର ଉନ୍ନୀତ କରନ୍ତୁ ।

ପରବର୍ତ୍ତୀ ବ୍ୟକ୍ତି ଯାହାଙ୍କ ଚର୍ଚ୍ଚା ହେବେ ସେ ହେଉଛନ୍ତି ଗୁଲାମ୍ ମୁସ୍ତଫା ସାହେବ । ଯିଏକି ଲଣ୍ଡନର ଅଧିବାସୀ ଥିଲେ । ସେ ୟୁ.କେର ପ୍ରାଇଭେଟ ସେକ୍ରେଟାରୀ କାର୍ଯ୍ୟାଳୟର ଜଣେ ସ୍ୱେଚ୍ଛାକୃତ କର୍ମଚାରୀ ଥିଲେ । ତାଙ୍କର ଦେହାନ୍ତ ଏପ୍ରିଲ୍ ମାସ ୨୫ ତାରିଖ ଦିନ ୬୯ ବର୍ଷରେ ହୋଇଥିଲା । **ଇନ୍ନା ଲିଲ୍ଲାହି ୱ ଇନ୍ନା ଇଲୈହି**

**ରାଜିଉନ୍ ।** ସେ ୧୯୮୩ ମସିହାରେ ଖଲିଫା ସାଲିସ ର.ଅଙ୍କ ସମୟରେ ବୈଅତ କରିଥିଲେ । ଲଣ୍ଡନ ଆସିବା ମାତ୍ରେ ସେ ୱକ୍‌ଫ୍ ପାଇଁ ଆବେଦନ କରିଥିଲେ କିନ୍ତୁ ସେ ସ୍ୱଳ୍ପ ଶିକ୍ଷିତ ଥିବା ଯୋଗୁଁ ତାଙ୍କର ୱକ୍‌ଫ୍ ଗ୍ରହଣୀୟ ହୋଇ ନଥିଲା ସତ କିନ୍ତୁ ଜଣେ ୱକଫେ ଜିନ୍ଦିଗୀ (ଉତ୍ସର୍ଗୀକୃତ ଜୀବନ) ଭାବରେ ସେ ରୋଷେଇଶାଳ ଏବଂ ପରେ କାର୍ଯ୍ୟାଳୟରେ କର୍ତ୍ତବ୍ୟ ସମ୍ପାଦନ କରିଥିଲେ ଏବଂ କହୁଥିଲେ ଯେ, ମୁଁ ତ' ୱକ୍‌ଫେ ଜିନ୍ଦିଗୀ ନୁହେଁ କିନ୍ତୁ ମୁଁ ନିଜକୁ ୱକ୍‌ଫେ ଜିନ୍ଦିଗୀ ପରି ମନେକରୁଛି । ସେ ଯାହାହେଉ ନା କାହିଁକି ସେ ଅତ୍ୟନ୍ତ ବିଶ୍ୱସ୍ତତାର ସହିତ ନିଜର ଶପଥକୁ ପୂରଣ କରିଥିଲେ ଏବଂ ସେ ୱକ୍‌ଫେ ଜିନ୍ଦିଗୀ ହୁଅନ୍ତୁ ବା ନହୁଅନ୍ତୁ କିନ୍ତୁ ଅଲ୍ଲାଃତାଲାଙ୍କ ସହିତ କରିଥିବା ଶପଥ ଅର୍ଥାତ୍ ୱକ୍‌ଫେ ଜିନ୍ଦିଗୀର ଶପଥକୁ ମଧ୍ୟ ସେ ପୂରଣ କରିଥିଲେ । ୧୯୯୩ ମସିହାରେ ହଜ଼ରତ ଖଲିଫତୁଲ୍ ମସିହ୍ ରାବେ ର.ଅ ତାଙ୍କୁ ପି.ଏସ୍ କାର୍ଯ୍ୟାଳୟରେ ଡ଼ିୟୁଟି ଦେଇଥିଲେ ଏବଂ ତେବେଠାରୁ ଆଜି ପର୍ଯ୍ୟନ୍ତ ଅତ୍ୟନ୍ତ ଆନନ୍ଦ ସହକାରେ ସେ ନିଜର ଡ଼ିୟୁଟି ସମ୍ପାଦନ କରିଥିଲେ । ସ୍ୱର୍ଗତ ଗୁଲାମ୍ ମୁସ୍ତଫା ସାହେବ ମୁସି ଥିଲେ ।

ତାଙ୍କର ଧର୍ମ ପତ୍ନୀ ମେହମୁଦା ମୁସ୍ତଫା ସାହେବା ଉଲ୍ଲେଖ କରନ୍ତି ଯେ, ମୋର ଏବଂ ମୁସ୍ତଫା ସାହେବଙ୍କର ଦୀର୍ଘ ୩୪ ବର୍ଷ କାଳ ପର୍ଯ୍ୟନ୍ତ ସଂପର୍କ ରହିଥିଲା ଏବଂ ମୁଁ ସେହି ସମସ୍ତ ବର୍ଷର ସାକ୍ଷ୍ୟ ଦେଇପାରିବି ଯେ, ତାଙ୍କର ପ୍ରତ୍ୟେକ ପଦକ୍ଷେପ ଅଲ୍ଲାଃତାଲାଙ୍କ ପାଇଁ ଉଦ୍ଦିଷ୍ଟ ଥିଲା । ସେ ଅନେକ ସୁଗୁଣର ଅଧିକାରୀ ଥିଲେ ଏବଂ ସେ ଏକାଧାରରେ ଜଣେ ନୈଷ୍ଠିକ ସ୍ୱାମୀ, ପିତା ଏବଂ ବନ୍ଧୁ ଥିଲେ । ସେ ସର୍ବଦା ବନ୍ଧୁତ୍ୱତା ନିର୍ବାହ କରୁଥିଲେ । ଖିଲାଫତ୍ ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଦେବା ପାଇଁ ତାଙ୍କର ଅସ୍ତିତ୍ୱ ସଦେବ ପ୍ରସ୍ତୁତ ଥିଲା । ସେ କହନ୍ତି କି ଯେତେବେଳେ ମୁଁ ପାକିସ୍ତାନରେ ବୈଅତ୍ କରିଥିଲି ସେତେବେଳେ ମୁଁ ଏହି ଶପଥ ନେଇଥିଲି କି ମୁଁ ସର୍ବଦା ଖଲିଫାଙ୍କ ଆଖ ପାଖରେ ରହିବି । ଯେତେବେଳେ ସେ ଏହି ଶପଥ କରିଥିଲେ ସେତେବେଳେ ତାଙ୍କ ନିକଟରେ କୌଣସି ଆର୍ଥିକ ସମ୍ବଳ ନଥିଲା । ଏହାସତ୍ତ୍ୱେ ବି ଅଲ୍ଲାଃତାଲାଙ୍କ କୃପାରୁ ସେ ନିଜର ଏହି ଶପଥକୁ ପୂରଣ କରିଥିଲେ । ଯଦ୍ୱାରା ଅଲ୍ଲାଃତାଲା ମଧ୍ୟ ତାଙ୍କୁ ସହାୟକ ହୋଇଥିଲେ । ସେ ଆର୍ଥିକ ବଳିଦାନ ପାଇଁ ସର୍ବଦା ପ୍ରସ୍ତୁତ ରହୁଥିଲେ । ତାଙ୍କର ସୁପୁତ୍ରୀ ସୋବିୟା ମୁସ୍ତଫା ଉଲ୍ଲେଖ କରନ୍ତି କି ମୋ ପିତାଙ୍କର ଏହା ହିଁ ଏକମାତ୍ର ଲକ୍ଷ୍ୟ ରହିଥିଲା ଯେ, ଅଲ୍ଲାଃତାଲାଙ୍କ ସତ୍ତା ସହିତ ପ୍ରେମପୂର୍ଣ୍ଣ ଭାବ ଓ ତାଙ୍କ ଦ୍ୱାରା ସ୍ଥାପିତ ନିଜ଼ାମେ ଖିଲାଫତ୍ ସହିତ ପ୍ରେମ ଆଚରଣ ପ୍ରଦର୍ଶନ କରିବି । ଅଲ୍ଲାଃତାଲାଙ୍କ ଉପରେ ତାଙ୍କର ଗଭୀର ବିଶ୍ୱାସ ରହିଥିଲା । ସେ ଦରିଦ୍ର ତଥା ଗରିବମାନଙ୍କୁ ସାହାଯ୍ୟ କରୁଥିଲେ । ନିଜ ଅସୁସ୍ଥତା ଦିନର ଶେଷ ପର୍ଯ୍ୟାୟରେ ସେ ମୋତେ ଶେଷ ଉପଦେଶ ଦେଇଥିଲେ ଯେ, ତୁମେ ସର୍ବଦା ଜମାଅତ ସହିତ ଜଡ଼ିତ ରହିବ, ନମାଜ୍ ପଢିବ ଏବଂ କୁରଆନର ନିୟମିତ ତିଲାୱତ୍ କରିବ । ତେବେଯାଇ ଅଲ୍ଲାଃତାଲା ତୁମକୁ ସହାୟକ ହେବେ।

ତାଙ୍କ ପୁତ୍ର କହନ୍ତି କି ସେ ମୋତେ ସର୍ବଦା ଏହା ଉପଦେଶ ଦେଇଥିଲେ କି ଚାନ୍ଦା ପୈଠ କରିବାରେ କେବେହେଲେ ହେଳା କରିବ ନାହିଁ ସେ ମାସର ପ୍ରଥମ ଦିନରେ ହିଁ ନିଜର ଚାନ୍ଦା ପୈଠ କରି ଦେଉଥିଲେ ଏବଂ କହୁଥିଲେ କି ଏହା ଭାବିବ ନାହିଁ ଯେ, ଜମାଅତକୁ ଆମ ଚାନ୍ଦାର ଆବଶ୍ୟକତା ରହିଛି । ବରଂ ଚାନ୍ଦା ଦେବା ଦ୍ୱାରା ଆମେମାନେ ଅଲ୍ଲାଃତାଲାଙ୍କ ପୁରୁସ୍କାରକୁ ସାଉଁଟି ପାରିବା ।

ଡ଼ାକ୍ତର ଇବ୍ରାହିମ୍ ନାସିର୍ ଭଟ୍ଟି ସାହେବ୍ ଯିଏ ମୁସ୍ତଫା ସାହେବଙ୍କର ଚିକିତ୍ସା କରୁଥିଲେ ସେ କହନ୍ତି ଯେ, କରୋନା ଭୂତାଣୁର କୋପ ଯୋଗୁଁ ତାଙ୍କୁ ସି.ପି.ଏ.ସି ଲଗାଯିବାର ଆବଶ୍ୟକତା ପଡ଼ିଥିଲା । ଯାହା ଫଳରେ ରୋଗୀକୁ ଭୀଷଣ କଷ୍ଟର ସମ୍ମୁଖୀନ ହେବାକୁ ପଡ଼ିବ । ଯେତେବେଳେ ତାଙ୍କୁ ଯନ୍ତ୍ରଣା ଅନୁଭୂତ ହେବାକୁ ଲାଗିଥିଲା ସେତେବେଳେ ତାଙ୍କର ପରିବାରର ସଦସ୍ୟ ତାଙ୍କ ନିକଟକୁ ଆସି କହୁଥିଲେ କି ଖିଲଫାଙ୍କର ଏହି ବାର୍ତ୍ତା ରହିଛି କି ଆପଣ ଡ଼ାକ୍ତରଙ୍କ ନିର୍ଦ୍ଦେଶ ପାଳନ କରନ୍ତୁ । ଯେତେବେଳେ ତାଙ୍କୁ ମୋର (ଅର୍ଥାତ୍ ଖଲିଫତୁଲ୍ ମସିହ୍ ଖାମିସଙ୍କର) ବାର୍ତ୍ତା ମିଳିଲା ସେତେବେଳେ ସେ ହଠାତ୍ ରିଲାକ୍ସ୍ (ଆଶ୍ୱସ୍ତି) ହୋଇଯାଇଥିଲେ ଏବଂ ସମସ୍ତ ଯନ୍ତ୍ରଣା ସହ୍ୟ କରିନେଇଥିଲେ ।

ଅଲ୍ଲାଃତାଲା ଏହି ସମସ୍ତ ମୃତକ ବ୍ୟକ୍ତିଙ୍କର ସ୍ତରକୁ ଉନ୍ନୀତ କରନ୍ତୁ । ସେମାନେ ଯେଉଁ ଆନୁଗତ୍ୟତା ଅଲ୍ଲାଃତାଲା ଓ ତାହାଙ୍କ ଧର୍ମ ପ୍ରତି ପ୍ରକାଶ କରିଛନ୍ତି ଏବଂ ଯେଁଉଭଳି ଭାବରେ ସେମାନେ ନିଜର ବୈଅତର ଦାୟିତ୍ୱକୁ ନିର୍ବହା କରିବା ପାଇଁ ପ୍ରୟାସ କରିଛନ୍ତି, ଅଲ୍ଲାଃତାଲା ତାହାଠୁ ବଳି ତାଙ୍କ ସହିତ ପ୍ରେମର ଆଚରଣ ପ୍ରଦର୍ଶନ କରନ୍ତୁ । ଆମିନ୍ । ଯେପରି କି ହଜ଼ରତ ମସିହ୍ ମଉଦ୍ ଅ.ସ କହିଥିଲେ କି ଏ ଲୋକମାନେ ଶହୀଦ୍ ଅଟନ୍ତି । ଅଲ୍ଲାଃତାଲା ସେମାନଙ୍କର ସନ୍ତାନଙ୍କୁ ମଧ୍ୟ ନିଜର ସୁରକ୍ଷା ବଳୟ ମଧ୍ୟରେ ସ୍ଥାନ ଦିଅନ୍ତୁ । ସେମାନଙ୍କର ପୁଣ୍ୟ କର୍ମକୁ ଆପଣାଇବା ପାଇଁ ଏବଂ ବଳବତ୍ତର ରଖିବା ପାଇଁ ଅଲ୍ଲାଃତାଲା ସେମାନଙ୍କୁ ସାମର୍ଥ୍ୟ ପ୍ରଦାନ କରନ୍ତୁ । ସେମାନେ ଅଲ୍ଲାଃତାଲାଙ୍କ ସହିତ ସଂପର୍କ ସ୍ଥାପନକାରୀ ହୁଅନ୍ତୁ । ଜମାଅତ୍ ଓ ଖିଲାଫତ୍ ସହିତ ସର୍ବଦା ବିଶ୍ୱସ୍ତତାର ଅତୁଟ ବନ୍ଧନ ରଖିବାକୁ ସାମର୍ଥ୍ୟ ପ୍ରଦାନ କରନ୍ତୁ ଏବଂ ସେମାନେ ନିଜ ସନ୍ତାନମାନଙ୍କ ସପକ୍ଷରେ କରିଥିବା ଦୁଆକୁ ଅଲ୍ଲାଃତାଲା ସ୍ୱୀକାର କରୁ ଥାଆନ୍ତୁ । ଆମିନ୍ ।

.....................................

KHULASA KHUTBA JUMA HUZOOR ANWAR a.b.a
1St MAY 2020

......................